# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 26th August - 2026

**********************************

*Pool*

# ପ୍ରଧାନମନ୍ତ୍ରୀ - ପ୍ରଗତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରମୁଖ ପରିବହନ ଓ ଭିତ୍ତିଭୂମି ପ୍ରକଳ୍ପ ଯୋଜନାରେ ସାଧାରଣ ଉପଯୋଗୀ କରିଡର ଚିହ୍ନଟ କରିବାକୁ ପରାମର୍ଶ ଦେଇଛନ୍ତି । ନୂଆଦିଲ୍ଲୀର ସେବାତୀର୍ଥ ଠାରେ ୫୩ତମ ପ୍ରଗତି ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ମୋଦୀ ଯୋଜନାର କାର୍ଯ୍ୟକାରିତାରେ ସମନ୍ୱିତ ପଦ୍ଧତିଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ବିଭିନ୍ନ ମନ୍ତ୍ରଣାଳୟ ଏବଂ ରାଜ୍ୟଗୁଡ଼ିକୁ ଆହ୍ୱାନ ଦେଇଛନ୍ତି । ଆଧୁନିକ ପ୍ରଯୁକ୍ତିବିଦ୍ୟା ଉପଯୋଗ ସହ ପ୍ରତ୍ୟେକ ପର୍ଯ୍ୟାୟରେ ଗୁଣବତ୍ତାକୁ ସୁନିଶ୍ଚିତ ତଥା ତଦାରଖକୁ ସୁଦୃଢ଼ କରିବାକୁ ସେ କହିଛନ୍ତି । ବୈଠକରେ ପ୍ରଧାନମନ୍ତ୍ରୀ ରେଳପଥ, ସଡ଼କ ଯୋଗାଯୋଗ ଏବଂ ଶକ୍ତିକ୍ଷେତ୍ରର ୬ଟି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ପାଇଁ ୩୦ ହଜାର କୋଟିରୁ ଅଧିକ ଟଙ୍କା ବରାଦ ହୋଇଛି ।

***Desk***

# ସୁଭଦ୍ରା ଯୋଜନା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରିଛନ୍ତି । ଏହି ଅବସରରେ ଶ୍ରୀମତୀ ପରିଡ଼ା ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ଦିନ ନୟାଗଡ଼ଠାରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଅବଗତ କରାଇଥିଲେ । ଏହି ପର୍ଯ୍ୟାୟରେ ମୋଟ୍ ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ଜଣ ହିତାଧିକାରୀଙ୍କୁ ମୋଟ ୫ ହଜାର ୧୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ ।

***Desk***

# ପୁନର୍ବାସ ନୀତି

ରାଜ୍ୟ ସରକାର’ ଓଡ଼ିଶା ପୁନର୍ବାସ ଓ ଥଇଥାନ ନୀତି–୨୦୦୬ ଧାରା ୧୩ ଅନୁଯାୟୀ ବିଭିନ୍ନ ଆର୍ଥିକ ହାରରେ ଦଶମ ଦ୍ୱିବାର୍ଷିକ ସଂଶୋଧନ କରିଛନ୍ତି । ଏହି ସଂଶୋଧିତ ହାର ଚଳିତ ବର୍ଷ ଏପ୍ରିଲ୍ ପହିଲାରୁ ୨୦୨୮ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହା ଅନୁଯାୟୀ ସ୍ୱ–ପୁନର୍ବସତିପାଇଁ ସହାୟତା ୧ ଲକ୍ଷ ୧୬ ହଜାର ୫୫୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଶିଳ୍ପ ଓ ଖଣି ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ପରିବାରଙ୍କୁ ନିଯୁକ୍ତି ବଦଳରେ ଏକକାଳୀନ ଆର୍ଥିକ ସହାୟତାରେ ସଂଶୋଧନ କରାଯାଇଛି । ଚାଷଜମିପାଇଁ ସହାୟତା କ୍ଷେତ୍ରରେ ଜଳସେଚିତ ଜମିପିଛା ଏକର ପ୍ରତି

ଅନୁଦାନ ୨ ଲକ୍ଷ ୩୩ ହଜାର ଶହେ ଟଙ୍କା ଏବଂ ଅଣ-ଜଳସେଚିତ ଜମିପାଇଁ ଏକର ପ୍ରତି ଅନୁଦାନ ୧ ଲକ୍ଷ ୧୬ ହଜାର ୫୫୦ ଟଙ୍କାକୁ ବୃଦ୍ଧି କରାଯାଇଛି ।

*IPR*

## ଆଦର୍ଶ ବିଦ୍ୟାଳୟ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ପ୍ରଥମ ପରିଚାଳନା କମିଟି ବୈଠକରେ ଗୁଣାତ୍ମକ ଓ ସମାବେଶୀ ପ୍ରାଥମିକ ଶିକ୍ଷାର ବିକାଶ ନେଇ ସମୀକ୍ଷା କରାଯାଇଛି । ଏଥିରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି, ନିର୍ମାଣର ଅଗ୍ରଗତି, ଯୋଜନାର କାର୍ଯ୍ୟାନ୍ୱୟନ ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ପ୍ରଥମ ପର୍ଯ୍ୟାୟରେ ୧୧୮ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ବିଦ୍ୟାଳୟ ନିର୍ମାଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

*Desk*

## ଆଇ.ଏ.ଏସ୍. ଅଦଳବଦଳ

ରାଜ୍ୟ ସରକାର ଆଇ.ଏ.ଏସ୍. ସ୍ତରରେ ଅଦଳ ବଦଳ କରିଛନ୍ତି । ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ସଞ୍ଜୀୟ କୁମାର ବିଶ୍ୱାଳଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ

କରାଯାଇଛି । ସୁନ୍ଦରନାଥ ପାଢ଼ୀଙ୍କୁ ଓ.ଏସ୍.ଆର୍.ଟି.ସି.ର ଜେନେରାଲ୍ ମ୍ୟାନେଜର ଦାୟିତ୍ୱ ମିଳିଥିବାବେଳେ ବୀରେନ୍ଦ୍ର କୋର୍‌କରାଙ୍କୁ ଗୃହ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି ।

***Nayagarh/R***

## ସାଂସଦ - ଶିକ୍ଷା ଆଲୋଚନା

ନୟାଗଡ଼ଠାରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିଶୁମାନଙ୍କ ସୁରକ୍ଷା, ଅଧିକାର, ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଛି । ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିଶୁମାନଙ୍କପାଇଁ ସୁରକ୍ଷିତ, ସୁସ୍ଥ ଓ ଶିଶୁ ଅନୁକୂଳ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ଉପରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଶିଶୁମାନଙ୍କୁ ଶାରୀରିକ, ମାନସିକ ବିକାଶ ଓ ସୁରକ୍ଷା ନିମନ୍ତେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଶ୍ରୀ ପାଣିଗ୍ରାହୀ ପରାମର୍ଶ ଦେଇଥିଲେ ।

***Kandhamal/R***

## କୃଷିଜାତ ଦ୍ରବ୍ୟ

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସହରରେ କୃଷିଜାତ ଦ୍ରବ୍ୟ ହଳଦୀ, ଅଦା, ଫୁଲଝାଡୁ, ମିଲେଟ୍ ଜାତୀୟ ଶସ୍ୟ, ଆମ୍ବ, ପଣସ ଆଦିର ରପ୍ତାନୀ ବିଷୟରେ

ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଚାଷୀମାନଙ୍କ ସହିତ ଆଲୋଚନା କରିଛନ୍ତି । ଏହିସବୁ ଦ୍ରବ୍ୟକୁ ବିଶ୍ୱ ବଜାରରେ ପହଞ୍ଚିବା ଉପରେ ଶ୍ରୀ ପାଣିଗ୍ରାହୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

***Desk***

## ଶିକ୍ଷକ ଯୋଗ୍ୟତା ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାର ପରିଚାଳିତ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା-୨୦୨୬ ପାଇଁ ପଞ୍ଜୀକରଣ ଅବଧିକୁ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଆସନ୍ତାମାସ ୩୦ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହେବ ।

***Desk***

## ପ୍ରଫେଟ୍ ମହମ୍ମଦ ଜୟନ୍ତୀ

ଇସ୍‌ଲାମ ଧର୍ମର ପ୍ରବର୍ତ୍ତକ ପୟଗମ୍ବର ହଜରତ ମହମ୍ମଦଙ୍କର ଜନ୍ମଦିବସ ଆଜି ପାଳନ କରାଯାଉଛି । ବିଶ୍ୱଶାନ୍ତି ପାଇଁ ମସ୍‌ଜିଦ୍ ଗୁଡ଼ିକରେ ସ୍ୱତନ୍ତ୍ର ପ୍ରାର୍ଥନା ସଭାର ଆୟୋଜନ କରାଯାଇଛି । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁସଲମାନ ସଂପ୍ରଦାୟଙ୍କୁ ଏହି ଅବସରରେ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି ।

*IPR, Nabarangpur/R*

# ବନ୍ୟା

ରାଜ୍ୟରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ବନ୍ୟାଯୋଗୁଁ ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ବେଶି ପ୍ରଭାବିତ ହୋଇଛି । ଏପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାର ତିହିଡି ଓ ଚାନ୍ଦବାଲି ବ୍ଲକ୍‌ର ୭୫ ହଜାର ୪୩୨ ଜଣ ଲୋକ ଜଳବନ୍ଦୀ ଥିବାବେଳେ ଯାଜପୁର ଜିଲ୍ଲାରେ ୨୧ ହଜାରରୁ ଊର୍ଦ୍ଧ୍ୱ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି । ବନ୍ୟାଞ୍ଚଳରେ ତ୍ୱରିତ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି ।

ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତିର ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ସମୀକ୍ଷା କରିଛନ୍ତି ।

***Desk***

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଉତ୍ତର-ପଶ୍ଚିମ ଆଡ଼କୁ ଗତି କରିବା ସହ ଝାଡ଼ଖଣ୍ଡ ଓ ଉତ୍ତର ଓଡ଼ିଶା ଦେଇ ଅତିକ୍ରମ କରିବାର ସମ୍ଭାବନା ରହିଛି । ଏହାପରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****